## ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

**ବଡ଼ସାହି:** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଗୌଡ଼ଶୋଳ ଗ୍ରାମର ସାରଦା ଶେଖର ନାୟକଙ୍କ ସ୍ତ୍ରୀ କଳ୍ପନା ଦାସ (୩୬)ଙ୍କର ସୋମବାର ଅସ୍ୱାଭାବିକ ମୃତ୍ୟୁ ହୋଇଛି। ପୂର୍ବାହ୍ନରେ ହଠାତ୍ ସେ ଅସୁସ୍ଥ ହୋଇ ପଡ଼ିବାରୁ ଚିକିତ୍ସା ଲାଗି ତାଙ୍କୁ ବାରିପଦାସ୍ଥିତ ପିଆରଏମ୍ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।

## ସଂକ୍ଷେପରେ

### ରିଟେଲର ସଂଘର ପ୍ରତିବାଦ

**ଭଦ୍ରକ ଅଫିସ, ୧୨।୭:** ଓଡ଼ିଶା ରିଟେଲର ମହାସଂଘର ଭଦ୍ରକ ଜିଲା ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଥିଲା। ଜିଲାପାଳଙ୍କ ମାଧମରେ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରିଟେଲର ମହାସଂଘର ଜିଲା ସଭାପତି ଜଗବନ୍ଧୁ ଲେଙ୍କାଙ୍କ ନେତୃତ୍ୱରେ ସଂଘର ବିଭିନ୍ନ ସମସ୍ୟା ନେଇ ଜିଲାର ବିଭନ୍ନ ସ୍ଥାନରୁ ଆସିଥିବା ରିଟେଲରମାନେ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ବଣ୍ଟନ ବାବଦକୁ ୨୫ ମାସର ବକେୟା ପାରିଶ୍ରମିକ ଅର୍ଥ ପ୍ରଦାନ, ଇ-ପୋଷ ମେଶିନର ବ୍ୟବହାରିକ ଖର୍ଚ୍ଚ ବାବଦ ବକେୟା ବର୍ଷର ଅର୍ଥ, କୋଭିଡ୍ ସମୟରେ ମଧାହ୍ନ ଭୋଜନ ବଣ୍ଟନର ପାରିଶ୍ରମିକ ପ୍ରଦାନ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।

### ନାଳରୁ ମିଳିଲା ଗଞ୍ଜେଇ ଭର୍ତ୍ତି ବସ୍ତା



**ବାଲେଶ୍ୱର ଅଫିସ, ୧୨।୭:** ବାଲେଶ୍ୱର ଜିଲା ସଦର ଥାନା ନିକଟସ୍ଥ ୧୬ନଂ. ଜାତୀୟ ରାଜପଥ କୁରୁଡ଼ା ପୋଲ ପାର୍ଶ୍ୱ ନାଳରୁ ମଙ୍ଗଳବାର ପୂର୍ବାହ୍ନରେ ଗଞ୍ଜେଇ ଭର୍ତ୍ତି ବସ୍ତା ମିଳିଛି। ରାସ୍ତା ପାର୍ଶ୍ୱରେ ଥିବା ନାଳରେ ସନ୍ଦେହଜନକ ଭାବେ ୩ଟି ବସ୍ତା ପଡ଼ିଥିବା ନେଇ ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ସଦର ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବସ୍ତାଗୁଡ଼ିକୁ ଖୋଲିଥିଲେ। ସେଥିରୁ ୧୨ ପ୍ୟାକେଟ୍ ଗଞ୍ଜେଇ (ଯାହାର ଓଜନ ୧୨କେଜି) ବାହାରିଥିଲା। ଏଥିସହିତ ମହିଳା ଓ ପୁରୁଷଙ୍କ ଲୁଗାପଟା, ଅତର ବୋତଲ ମିଳିଥିଲା। ମାଜିଷ୍ଟ୍ରେଟ୍ ଭାବେ ସଦର ଅତିରିକ୍ତ ତହସିଲଦାର ଅତନୁ କୁମାର ରାଉତଙ୍କ ଉପସ୍ଥିତିରେ ସଦର ଥାନା ଆଇଆଇସି ଅଶୋକ ନାୟକ ଉକ୍ତ ଗଞ୍ଜେଇକୁ ଜବତ କରିଛନ୍ତି। ଗଞ୍ଜେଇ କେଉଁଠୁ ଆସିଲା, କିଏ ଏଠାରେ ପକାଇଲା ଏବଂ ଜବତ ଜିନିଷ କାହାର ଏହିସବୁ ଦିଗକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଯୁବକଙ୍କ ମୃତଦେହ ଜବତ

**ସୋର, ୧୨।୭(ଡି.ଏନ.ଏ.):** ମଙ୍ଗଳବାର ସକାଳେ ସୋର ତହସିଲ କାର୍ଯ୍ୟାଳୟ ନିକଟ ଜାତୀୟ ରାଜପଥ ପାର୍ଶ୍ୱରୁ ବାରିପଦା ଅଞ୍ଚଳର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସ୍ଥାନୀୟ ଲୋକେ ଏହି ସ୍ଥାନରେ ଜଣେ ଯୁବକ ସଂଜ୍ଞାହୀନ ଅବସ୍ଥାରେ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଯୁବକଙ୍କୁ ସୋର ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଭାରପ୍ରାପ୍ତ ଅଧିକାରିଣୀ ସୁଜାତା ଖମାରୀ କହିଛନ୍ତି।

### କରୁଣାକର ପାଠାଗାର ଉଦ୍‌ଘାଟିତ

**ବାହାନଗା, ୧୨।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣ୍ଡାଶୁଣି ପଞ୍ଚାୟତର ଜଳଖଟୁଆ ଗ୍ରାମରେ କରୁଣାକର ପାଠାଗାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଏକ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ଶଙ୍କର୍ଷଣ ଶିଅଳ। ପାଠାଗାରକୁ ଉଦ୍‌ଘାଟନ କରିଥିଲେ କବି ଓ ସଂଗ୍ରାହକ ବିକାଶ କୁମାର ଶତପଥି। ଗ୍ରାମାଞ୍ଚଳରେ କରୁଣାକର ଶଙ୍ଖୁଆଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠା ହୋଇଥିବା ପାଠାଗାର ନିଶ୍ଚିତ ଭାବେ ଅବାଳବୃଦ୍ଧବନିତାଙ୍କର ଜ୍ଞାନ ବୃଦ୍ଧିରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲା ଶିକ୍ଷାବିଭାଗର ଅତିରିକ୍ତ ଜିଲା ଅଧିକାରୀ ଧରଣୀଧର ପାତ୍ର ଯୋଗଦେଇ ଦେଶ ବିଦେଶରେ ସାହିତ୍ୟ ଓ ବିଭିନ୍ନ ପୁସ୍ତକର ସାରବତ୍ତା ପ୍ରକାଶ କରିବା ସଙ୍ଗେ ସଙ୍ଗେ ପାଠାଗାରର ଉନ୍ନତି କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ରମଣୀକାନ୍ତ ମିଶ୍ର ଯୋଗଦେଇ କବିତା ତଥା ସାହିତ୍ୟ ମାଧମରେ ସମାଜର ଅନେକ କାର୍ଯ୍ୟ ସମାଧାନ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# ‘ଦିନଟିଏ ଉପାସ ରହିବେ ମା’ ତାରିଣୀ’

- ୧୪ରେ ଆଷାଢ଼ୀ ପର୍ବ
- ଦିନତମାମ ବନ୍ଦ ରହିବ ମନ୍ଦିର
- ସନ୍ଧ୍ୟାରେ ପହଡ଼ ଖୋଲିବା ସହ ସୁନାବେଶ

**ଘଟଗାଁ, ୧୨।୭(ଡି.ଏନ.ଏ.)**

ଆସନ୍ତା ଗୁରୁବାର ଘଟଗାଁ ମା’ ତାରିଣୀଙ୍କ ଆଷାଢ଼ୀ ପର୍ବ ପାଳନ କରାଯିବ। ଏଥିପାଇଁ ଗତ ସୋମବାର ତାରିଣୀ ମନ୍ଦିର ପରିଚାଳନା ବୋର୍ଡ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ଏନେଇ ବ୍ୟାପକ ଆଲୋଚନା କରାଯାଇ ମା’ଙ୍କ ଏହି ପର୍ବ କିପରି ଶାନ୍ତି ଶୃଙ୍ଖଳାରେ ଶେଷ ହେବ ଏଥିପାଇଁ ବିଚାର ବିମର୍ଶ କରାଯାଇଥିଲା। ୨୨ଖଣ୍ଡ ମୌଜାର ଗ୍ରାମ ମୁଖ୍ୟ ଓ ଗ୍ରାମଦେବତୀଙ୍କ ପୂଜକମାନଙ୍କୁ ଏଥିପାଇଁ ନିମନ୍ତ୍ରଣ କରାଯାଇଛି। ସନ୍ଧ୍ୟାରେ ମନ୍ଦିର ଖୋଲିବା ପରେ ସେମାନେ ସମସ୍ତେ ମା’ଙ୍କ ଆଷାଢ଼ୀ ପୂଜା ପାଇଁ ଭୋଗ ଡାଲା ଓ ବୋଜା ଧରି ଭିତରକୁ ଯାଇ ଏହି ପୂଜା କରିବେ।

ଏହି ପୂଜା କାହିଁ କେତେ କାଳରୁ ପ୍ରଚଳିତ ହୋଇ ଆସୁଛି। ଏହି ପୂଜାକୁ ନେଇ ସ୍ଥାନୀୟ ଲୋକଙ୍କ ବହୁ ଆସ୍ଥା ଓ ବିଶ୍ୱାସ ରହିଛି। ପରମ୍ପରା ଅନୁଯାୟୀ ସେଦିନ ସକାଳୁ ସନ୍ଧ୍ୟା ଯାଏ ମନ୍ଦିର ବନ୍ଦ ରହିବ। କୌଣସି ପୂଜାନୀତି ହେବ ନାହିଁ। ଏହି ବନ୍ଦ ସମୟରେ



ମା’ ତାରିଣୀ ବର୍ଷରେ ଗୋଟିଏ ଦିନ ଉପବାସ ରହି ଭଗବାନ ବିଷ୍ଣୁଙ୍କ ଧାନରେ ରହି ପ୍ରଜାମାନଙ୍କ ମଙ୍ଗଳ କାମନା କରିଥାନ୍ତି। କେହି କେହି ଏହାକୁ କୃଷି ଓ କୃଷକମାନଙ୍କ ଶୁଭକାମନା କରି କିପରି ଭଲ ଚାଷ ହେବ ସେଥିପାଇଁ ମା’ ତାରିଣୀ ଉପବାସରେ ରହୁଥିବା କହିଥାନ୍ତି। ଏହି ପର୍ବରେ ଆଉ ଏକ ବିଶେଷତ୍ୱ ହେଲା ନିଶା ପୂଜା। ଯାହାକୁ ବିଳମ୍ବିତ ରାତିରେ କେବଳ ବରିଷ୍ଠ ପୂଜକମାନଙ୍କ ଦ୍ୱାରା କରାଯାଇଥାଏ। ସେଦିନ ସକାଳୁ ବରିଷ୍ଠ ପୂଜକମାନେ ଉପବାସ ରହି ରାତିରେ ଏହି ପୂଜା କରିବାପରେ ପ୍ରସାଦ ପାଇଥାନ୍ତି। ଦିନତମାମ ମନ୍ଦିର ବନ୍ଦ ପରେ ସନ୍ଧ୍ୟା ୭ଟାରେ ପହଡ଼ ଖୋଲିବା ମାତ୍ରେ ଭିଡ଼ ଜମିଥାଏ। ମା’ଙ୍କ ଆଷାଢ଼ୀ ପୂଜା ଓ ସୁନାବେଶ ଦର୍ଶନ ପାଇଁ ପ୍ରବଳ ଜନ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ପୋଲିସ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ମନ୍ଦିର ପରିଚାଳନା ବୋର୍ଡର ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସଦସ୍ୟ କ୍ଷୀରୋଦ ପ୍ରସାଦ ଦାସ, ରୁଦ୍ର ନାରାୟଣ ମହାନ୍ତ, ପ୍ରମୋଦ କୁମାର ଦେହୁରୀ, ଆନନ୍ଦ ଚନ୍ଦ୍ର ସିଂହ, ନିର୍ମଳ କୁମାର ମହାନ୍ତି, ଦୟାନିଧି ମହାନ୍ତ ଓ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ବରିଷ୍ଠ ପୂଜକ ଶ୍ୟାମସୁନ୍ଦର ଦେହୁରୀ, ଦୋଳଗୋବିନ୍ଦ ଦେହୁରୀ ଓ ନଟବର ଦେହୁରୀଙ୍କ ସହ ଆଲୋଚନା କରାଯାଇଥିଲା।

# କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିଭିନ୍ନ ଗଣସଙ୍ଗଠନର ନେତୃବୃନ୍ଦ।

**ବାଲେଶ୍ୱର ଅଫିସ, ୧୨।୭**

ବାଲେଶ୍ୱର ଜିଲାରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ଦାବିରେ ମଙ୍ଗଳବାର ଜିଲାର ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବାଲେଶ୍ୱର ଏକ କୃଷି ପ୍ରଧାନ ଜିଲା ହୋଇଥିବାରୁ କୃଷି, କୃଷକ ଓ କୃଷିଶ୍ରମିକମାନଙ୍କ ବୃହତ୍ତର ସ୍ୱାର୍ଥଦୃଷ୍ଟିରୁ ଉତ୍ତର ଓଡ଼ିଶାର ପ୍ରମୁଖ ଜିଲା ବାଲେଶ୍ୱରରେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ବାଲେଶ୍ୱର ଓକିଲ ସଂଘ ସଭାପତି ମନୋଜ ନାୟକ ଓ ସମ୍ପାଦକ ସମ୍ପିତ ନନ୍ଦୀଙ୍କ ନେତୃତ୍ୱରେ ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି, ଉଠାଜଳସେଚନ ନିଗମ ଅବସରପ୍ରାପ୍ତ କର୍ମଚାରୀ ସଂଘ, ରାଜ୍ୟ ଫେଡେରେଶନ୍, ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ମିଳିତ ନିଶା ନିବାରଣ ଅଭିଯାନର ଜିଲା କମିଟି ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ନେତୃବନ୍ଦ ସାମିଲ ଥିଲେ।

# କାଶୀପୁରରେ ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା

**କେନ୍ଦୁଝର, ୧୨।୭(ଡି.ଏନ.ଏ.)**

କେନ୍ଦୁଝର ସହରର କାଶୀପୁର ଗ୍ରାମରେ ଦୀର୍ଘ ୭୨ବର୍ଷ ପରେ ମା’ ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ତଥା ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଛନ୍ତି। ଚାରିଦିନ ଧରି ଚାଲିଥିବା ମନ୍ଦିର ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିବସରେ ଯଜ୍ଞମଣ୍ଡପ ଅଧିବାସ ପରେ ରାତି ସାଢ଼େ ୮ଟା ସମୟରେ ଅଙ୍କୁରାରୋପଣ ଓ ଦେବତା ଗର୍ଭାଧାନ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଶେଷ ଦିନରେ କେନ୍ଦୁଝର ରାଜା ଧନଞ୍ଜୟ ନାରାୟଣ ଭଞ୍ଜ ଦେଓ ଓ ରାଣୀ ସୁନନ୍ଦିନୀ ଭଞ୍ଜ ଦେଓ ମା’ଙ୍କ ମନ୍ଦିରରେ ପହଞ୍ଚିବା ପରେ ଦୁହିଁଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ ପହଞ୍ଚି ମା’ଲକ୍ଷ୍ମୀଙ୍କ କୃପା ଲାଭ କରିଥିଲେ। ପୁରୀରୁ ଆସିଥିବା ବିଶିଷ୍ଟ ପୂଜକ ଚିତ୍ତରଞ୍ଜନ ମିଶ୍ର ଓ ମନୋରଞ୍ଜନ ତ୍ରିପାଠୀଙ୍କ ସମେତ ୯ଜଣ ବ୍ରାହ୍ମଣଙ୍କ ଦ୍ୱାରା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା।

# ଅଭାବୀ ବର୍ଷାକୁ ନେଇ ଚିନ୍ତାରେ ଚାଷୀ

**ଚମ୍ପୁଆ, ୧୨।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ କୃଷି ଜିଲାର ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତକୁ ନେଇ ଧାନ ଚାଷୀଙ୍କ ଚିନ୍ତା ବଢିବାରେ ଲାଗିଛି। ସ୍ୱାଭାବିକ ବର୍ଷାକୁ ଅପେକ୍ଷା କରି ବୁଣା ଜମି ଗୁଡିକ ପଡ଼ିଆ ପଡ଼ିଥିବା ବେଳେ ଚାଷୀ ଚଳିତ ମାସ ବର୍ଷାକୁ ଆଖି ଆଗରେ ରଖି ଧାନ ତଳି ଦେଇ ରୁଆ ଉପରେ ଗୁରୁତ୍ୱାରୋପ କରୁଥିବା ଦେଖିବାକୁ ମିଳିଛି। କେଉଁଠି ଚାଷୀ ପାରମ୍ପାରିକ ବିହନ ବ୍ୟବହାର କରୁଛନ୍ତି ତ କେଉଁଠି ଚାଷୀ ଅଧିକ ଅମଳକ୍ଷମ ଧାନ ବିହନ ବ୍ୟବହାର କରୁଛନ୍ତି। ଜୁନ ମାସରେ ସାଧାରଣତଃ ୨୪୧.୪ ମିଲିମିଟର ବର୍ଷା ଜଳ ଚାଷ ପାଇଁ ଆବଶ୍ୟକ ରହିଥିବା ବେଳେ ଗତ ୨୦୨୧ ମସିହା ଜୁନ ମାସରେ ୧୭୮.୧ ମିଲିମିଟର ବର୍ଷା ହୋଇଥିଲା ବେଳେ ଚଳିତ ବର୍ଷ ୧୩୩.୬ ମିଲିମିଟର ବର୍ଷା ହୋଇଥିଲା। ସେହିପରି ଜୁଲାଇ ମାସରେ ୩୧୮ ମିଲିମିଟର ବର୍ଷାର ଆବଶ୍ୟକ ଥିବା ବେଳେ ୨୦୨୧ ମସିହା ଜୁଲାଇ ମାସରେ ୨୬୯.୮ ମିଲିମିଟର ବର୍ଷା ହୋଇଥିବା ବେଳେ ଚଳିତ ବର୍ଷ ୧୨୬.୧ ମିଲିମିଟର ବର୍ଷା ବର୍ତ୍ତମାନ ସୁଦ୍ଧା ହୋଇଛି। ମାତ୍ର ମାସ ପୂରିବାକୁ ଆଉ ଅଳ୍ପ ଦିନ ବାକି ରହିଥିବା ବେଳେ ଆବଶ୍ୟକ ବର୍ଷା ସମ୍ଭାବନା ନେଇ ଚାଷୀ ଚାଷ କାମ ଆଗେଇବାରେ ଲାଗିଛି। ବର୍ତ୍ତମାନ ଚାଷୀମାନେ ନିଜ ନିଜ ଜମିରେ ଧାନ ତଳି ଦେଇଥିଲେ ମଧ ଆବଶ୍ୟକ ବର୍ଷା ପାଇପାରି ନାହାନ୍ତି। ଫଳରେ ରୋଇବା ପାଇଁ ଜମି ପ୍ରସ୍ତୁତ ହୋଇପାରୁ ନାହିଁ। ଏ ନେଇ ଜିଲା କୃଷି ଅଧିକାରୀ ମନୋରଞ୍ଜନ ମଣ୍ଡଳଙ୍କୁ କହିଛନ୍ତି, ଜୁନ ମାସରେ ବର୍ଷାର ପରିମାଣ କମ ରହିଥିଲା ମାତ୍ର ଜୁଲାଇ ମାସ ବର୍ତ୍ତମାନ ସୁଦ୍ଧା ହୋଇଥିବା ବର୍ଷାର ପରିମାଣ ଦେଖିଲେ ଆଉ ୧୮ ଦିନ ଭିତରେ ସ୍ୱାଭାବିକ ବର୍ଷା ଅନୁମାନ କରାଯାଉଛି। ଏହି ବର୍ଷା ହେଲେ ଚାଷ କାର୍ଯ୍ୟ ବହୁ ପରିମାଣରେ ଆଗେଇ ପାରିବ ବୋଲି ସୂଚନା ଦେଇଛନ୍ତି।



ବର୍ଷାକୁ ଆଶା କରି ବିଲରେ ଧାନ ତଳି ପକାଉଥିବା ଚାଷୀ।

## ‘ଆଦର୍ଶ ଛାତ୍ରୀଛାତ୍ର ହେବାକୁ ପରାମର୍ଶ’

**କେନ୍ଦୁଝର, ୧୨।୭(ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝରଗଡ଼ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୬ତମ ସ୍ୱନକ୍ଷତ୍ର ଦିବସ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ପିଲାଙ୍କୁ ଭବିଷ୍ୟତରେ ଦେଶ ସେବାପାଇଁ ଉତ୍ସର୍ଗୀକୃତ ହେବାକୁ ସମ୍ବୋଧିତ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଇଂ ହରମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପିଲାଙ୍କୁ ଆଦର୍ଶ ଛାତ୍ରୀଛାତ୍ର ହେବା ପାଇଁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୯୦%ରୁ ଊର୍ଦ୍ଧ୍ୱନମ୍ବର ରଖିଥିବା ୩୧ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ବିଛାକୁଣ୍ଡି ଜଙ୍ଗଲ ରାସ୍ତାରେ ହାତୀ

**ଯୋଡ଼ା, ୧୨।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍ ଯୋଡ଼ା ବନପାଳ ଅଧୀନ ବିଛାକୁଣ୍ଡି ରାସ୍ତାରେ ହାତୀ ବିଚରଣ କରୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସୂଚନା ଅନୁଯାୟୀ, ୨୨ଟି ହାତୀ ଚମ୍ପୁଆ ବନାଞ୍ଚଳରେ ବିଚରଣ କରୁଛନ୍ତି। ଏଥିରେ ୫ଟି ଦନ୍ତା, ୧୦ଟି ମାଈ ହାତୀ ସମେତ ୭ଟି ଛୁଆ ହାତୀ ରହିଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଶ୍ରମିକ ମାନେ କାର୍ଯ୍ୟକ୍ଷେତ୍ରକୁ ଯାଇଥାନ୍ତି। ମାତ୍ର ଏହି ରାସ୍ତାରେ ହାତୀ ଥିବା ଖବର ଜାଣିପାରି ଲୋକେ ଯାତାୟାତ କରିବାକୁ ସୁରକ୍ଷିତ ମଣୁ ନାହାନ୍ତି। ଏଣୁ ବନବିଭାଗ ହାତୀ ମାନଙ୍କୁ ଘଉଡ଼ାଇ ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି। ବନବିଭାଗ ଏନେଇ ସମ୍ପୂର୍ଣ୍ଣ ଭାବେ ସଜାଗ ଥିବା ବେଳେ ହାତୀପଲଙ୍କ ଉପରେ ନଜର ରଖିଥିବା ସୂଚନା ଦେଇଛି।

# ପରିଚାଳନା ସଦସ୍ୟଙ୍କ ନାମାଙ୍କନ ଦାଖଲ

**୨୪ରେ ଧାମନଗର ସମବାୟ ସମିତିରେ ନିର୍ବାଚନ**

**ଧାମନଗର, ୧୨।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ସେବା ସମବାୟ ସମିତି ପରିଚାଳନା ପରିଷଦ ଗଠନ ପାଇଁ ୧୫ଟି ଜୋନ୍‌ରୁ ଜଣେ ଲେଖାଏ ସଭ୍ୟ ନିର୍ବାଚନ ନିମନ୍ତେ ସୋମବାର ନାମାଙ୍କନ ଦାଖଲ କରିଛନ୍ତି। ୧୫ ଆସନ ପାଇଁ ୩୬ଜଣ ନାମାଙ୍କନ ଭରିଛନ୍ତି। ୫ ନଂ. ଜୋନ୍‌ରେ ଭାଜପା ସମର୍ଥିତ ପ୍ରାର୍ଥୀ ବଳରାମ ମହାପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ବିକ୍ରମ ସାହୁ ପରିଚାଳନା କରିଥିବା ବେଳେ ସମ୍ପାଦିକା ସ୍ୱାଗତିକା ରାଉତ ସହଯୋଗ କରିଥିଲେ। ଆସନ୍ତା ୨୪ ତାରିଖରେ ସମିତି ପରିଚାଳନା ପରିଷଦର ସଭ୍ୟ ନିର୍ବାଚନ ଅନୁଷ୍ଠିତ ହେବ।

ପ୍ରକାଶଥାଉକି, ଏହି ସମିତିର ଭୋଟର ତାଲିକାରେ ଜାଲିଆତି ନେଇ ପୂର୍ବତନ ସମ୍ପାଦକଙ୍କ ବିରୋଧରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଚାଷୀ ଓ ଭୋଟର ଅଭିଯୋଗ କରିଥିଲେ। ଏନେଇ ଚାଷୀମାନଙ୍କ ମଧ୍ୟରେ ବିଭିନ୍ନ ବାଦ ବିବାଦରୁ ସମିତିରେ ତାଲା ପଡ଼ିଥିଲା। ପରବର୍ତ୍ତୀ ସମୟରେ ସମିତିରେ ନୂତନ ସମ୍ପାଦିକା ଭାବେ ସ୍ୱାଗତିକାଙ୍କୁ ଦାୟିତ୍ୱ ହସ୍ତାନ୍ତର ପରେ ନିର୍ବାଚନ କରିବା ନେଇ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା।

## ୨ ଗ୍ରାମ ସୀମା ବିବାଦର ହେଲା ସମାଧାନ

**ପାଟଣା, ୧୨।୭(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ତହସିଲ ଅଧୀନ ତୁରୁମୁଙ୍ଗା ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ନିହୁଆଁ ଓ ହାତିବାରୀ ଦୁଇ ରାଜସ୍ୱ ଗ୍ରାମ ମଧ୍ୟରେ ଦୀର୍ଘ ଦିନରୁ ଗାଁ ସୀମା ବିବାଦ ଥିବାରୁ ମଙ୍ଗଳବାର ଏହାର ସମାଧାନ ହୋଇଛି। ଜିଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶ କ୍ରମେ ପାଟଣା ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା ଉପସ୍ଥିତ ରହି ଦୁଇ ଗ୍ରାମରେ ଥିବା ସୀମା ବିବାଦକୁ ମାପ କରି ଚିହ୍ନଟ କରିଛନ୍ତି। ଏଥିସହ ଦୀର୍ଘଦିନରୁ ଲାଗିରହିଥିବା ବିବାଦର ଅନ୍ତ ଘଟିଛି ବୋଲି ଅତିରିକ୍ତ ତହସିଲଦାର କହିଛନ୍ତି। ସୂଚନାଯୋଗ୍ୟ, ଉଭୟ ରାଜସ୍ୱ ଗ୍ରାମ ୪୯ ନମ୍ବର ଜାତୀୟ ପଥ ପାର୍ଶ୍ୱରେ ରହିଛି।

# ‘ଲୋକେ ସଚେତନ ହେଲେ ପରିବାର ନିୟୋଜନ ସମ୍ଭବ’

**ପରିବାର ନିୟୋଜନ କ୍ଷେତ୍ରରେ ଖଇରା ବ୍ଲକ ଜିଲାରେ ସର୍ବଶ୍ରେଷ୍ଠ**




ବିଶ୍ୱ ଜନସଂଖ୍ୟା ଦିବସ ଉପଲକ୍ଷେ ସଚେତନତା ସଭା।

**ବାଲେଶ୍ୱର ଅଫିସ, ୧୨।୭**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ତାଲିମ କେନ୍ଦ୍ରଠାରେ ବିଶ୍ୱ ଜନସଂଖ୍ୟା ଦିବସ-୨୦୨୨ ପାଳନ ଅବସରରେ ମଙ୍ଗଳବାର ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ ଯୋଗଦେଇ ଲୋକେ ସଚେତନ ହେଲେ ପରିବାର ନିୟୋଜନ ସମ୍ଭବ ହୋଇପାରିବ ବୋଲି ମତ ରଖିଥିଲେ।

ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଳସେନ ଜଗଦ୍ଦେବ ଯୋଗଦେଇ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିବା ସହିତ ପରିବାର ନିୟୋଜନ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଥିବା ପ୍ରକାଶ କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଶଶାଙ୍କ ଶେଖର ଚୌଧୁରୀ, ଡିପିଏମ ଅନୀଲ କୁମାର ମହାନ୍ତି, ଡିଏମ୍ଆର୍‌ସିଏଚ୍ ଏଲିନା ସାମଲ, ଏଡିପିଏଚ୍‌ସିଓ ରମଣୀକାନ୍ତ ଭଞ୍ଜ ପ୍ରମୁଖ ଉପସ୍ଥିତ ରହି ଜିଲାର ପ୍ରତ୍ୟେକ ବ୍ଲକରେ ହୋର୍ଡିଂ, ପୋଷ୍ଟର, ଲିଫ୍‌ଲେଟ୍ ବଣ୍ଟନ ଏବଂ ସଚେତନତା ରଥ ପରିକ୍ରମା ମାଧ୍ୟମରେ ଲୋକମାନଙ୍କୁ ପରିବାର ନିୟୋଜନର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ୨୦୨୧-୨୨ ବର୍ଷ ପାଇଁ ପରିବାର ନିୟୋଜନ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବ୍ଲକ, ଡାକ୍ତର ଏବଂ କର୍ମଚାରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରିବାର ନିୟୋଜନ କ୍ଷେତ୍ରରେ ଖଇରା ବ୍ଲକ ଜିଲାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଡା. ବେଣୁଧର ହୁଇ ଜିଲାରେ ଅଧିକ ସଂଖ୍ୟାରେ ପରିବାର ନିୟୋଜନ ଅସ୍ତ୍ରୋପଚାର କରିଥିବାରୁ ପୁରସ୍କୃତ ହୋଇଥିଲେ। ଡା. ଅନୁପ କୁମାର ଘୋଷଙ୍କୁ ‘ଲାଇଫ୍ ଟାଇମ୍ ଆୱାର୍ଡ଼ ଇନ ଫ୍ୟାମିଲି ପ୍ଲାନିଂ ସର୍ଭିସ’ ପ୍ରଦାନ କରାଯାଇଥିଲା। ଏହି ସଚେତନତା ସଭାରେ ଜିଲା ଓ ବ୍ଲକସ୍ତରୀୟ ମେଡିକାଲ ଅଫିସର, ବିପିଏମ୍, ପିଏଚ୍‌ଇଓ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ରାସ୍ତାକଡ଼କୁ ଓଲଟିଲା ପିଆଜ ବୋଝେଇ ଟ୍ରକ୍

**ରୂପସା, ୧୨।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ବାଇତପଡ଼ା ଗ୍ରାମଠାରେ ଭାରସାମ୍ୟ ହରାଇ ଏକ ପିଆଜ ବୋଝେଇ ଟ୍ରକ ରାସ୍ତାକଡକୁ ଓଲଟି ପଡ଼ିଛି। ସୌଭାଗ୍ୟବଶତଃ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତିଯାଇଛନ୍ତି।

ସୋମବାର ବିଳମ୍ବିତ ରାତିରେ ୬୦ନମ୍ବର ଜାତୀୟ ରାଜପଥ ଭେଲରାଠାରୁ ପାଉଁଶକୁଲିକୁ ଯାଉଥିବା ଏକ ପିଆଜ ବୋଝେଇ ଟ୍ରକ (ନଂ. ଓଡ଼ି୦୫ଏଏମ୍-୨୫୬୭) ରାସ୍ତା ଜାଣି ନ ପାରି ଭୁଲରେ ବାଇତପଡ଼ାଠାରୁ କୁଣ୍ଡଳୀ-ସୋନପୁର ଗ୍ରାମ ରାସ୍ତାରେ ପଶିଯାଇଥିଲା। ଫଳରେ ଉକ୍ତ ଗ୍ରାମର ଏକ ପୋଖରୀ ମଧ୍ୟରେ ଟ୍ରକ ଭାରସାମ୍ୟ ହରାଇ ଓଲଟିପଡ଼ିଥିଲା। ରାତି ପ୍ରାୟ ଗୋଟାଏ ବେଳେ ଏହି ଦୁର୍ଘଟଣା ଘଟିଥିବା ବେଳେ କୌଶଳକ୍ରମେ ଡ୍ରାଇଭର ଗାଡିରୁ ବାହାରିବାକୁ ସକ୍ଷମ ହୋଇଥିଲେ। ହେଲପର ଜଣକ ଦୀର୍ଘ ୨ଘଣ୍ଟା ଟ୍ରକ ତଳେ ଚାପି ହୋଇରହିଥିଲେ। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ସଙ୍ଗେ ସଙ୍ଗେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ପଠାଇଥିଲେ। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରି ତଦନ୍ତ ଜାରି ରଖିଛି। ଡ୍ରାଇଭର ଓ ହେଲପର ଉଭୟ ସୁସ୍ଥ ଥିବା ଜଣାପଡ଼ିଛି।



ଦୁର୍ଘଟଣାଗ୍ରସ୍ତ ପିଆଜ ବୋଝେଇ ଟ୍ରକ୍।

# ଡାକ୍ତର ଅଭାବ, ଆଉଟ୍‌ଡୋରରେ ପାଣି ପଶିବା ନେଇ ଉଦ୍‌ବେଗ




ବୈଠକରେ ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ସହ ବିଧାୟକ ଓ ଅନ୍ୟମାନେ।

**ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ କଲ୍ୟାଣ ସମିତି ବୈଠକ**

**ଭଦ୍ରକ ଅଫିସ, ୧୨।୭**

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହରେ ରୋଗୀ କଲ୍ୟାଣ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ବୈଠକକୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ସଞ୍ଚାଳନା କରିଥିଲେ। ରୋଗୀ କଲ୍ୟାଣ ସମିତିର ଚେୟାରମ୍ୟାନ ତଥା ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଯେନା, ଭଦ୍ରକ ପୌରପାଳିକା ଅଧକ୍ଷା ଗୁଲମକ୍କୀ ହବିବ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ବିଧାୟକଙ୍କ ପ୍ରତିନିଧି ଶରତ ମହାନ୍ତି ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଜିଲା ମୁଖ୍ୟ ଡାକ୍ତରଖାନାରେ ଡାକ୍ତର ଅଭାବ, ଆଉଟଡୋରରେ ବର୍ଷାଜଳ ପଶିବା, ରୋଗୀମାନଙ୍କୁ କଟକ ସ୍ଥାନାନ୍ତର କରାଯିବା ଆଦି ପ୍ରସଙ୍ଗରେ ସେମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

ଆବଶ୍ୟକ ଜାଗା ଯୋଗାଇ ନ ପାରିବା ଓ ଆମମାନଙ୍କର ଅବହେଳା ପାଇଁ ଟ୍ରମାକେୟାର ସେଣ୍ଟର ହୋଇପାରିଲା ନାହିଁ ବୋଲି ବରିଷ୍ଠ ବିଧାୟକ ସାମଲ କ୍ଷୋଭ ପ୍ରକାଶ କରିଥିଲେ। ଡ୍ରେନ୍ ସଫା ହୋଇ ନ ଥିବାରୁ ମେଡିକାଲ ଆଉଟଡୋରରେ ବର୍ଷାଜଳ ପଶିବା ଯୋଗୁ ସାରା ରାଜ୍ୟରେ ଭଦ୍ରକ ବଦ୍‌ନାମ ହେଲା ବୋଲି କହି ଦୁଃଖ ପ୍ରକାଶ କରିଥିଲେ ବିଧାୟକ ମଲ୍ଲିକ। ବୈଠକରେ ରୋଗୀ କଲ୍ୟାଣ ସମିତିର ସମସ୍ତ ସଦସ୍ୟ ଓ କର୍ମଚାରୀ ଉପସ୍ଥିତ ଥିଲେ। ହସ୍ପିଟାଲ ମ୍ୟାନେଜର ନିବେଦିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

**ଖୁଣ୍ଟା,(ଡି.ଏନ୍.ଏ.):** ଖୁଣ୍ଟା ଥାନା ଅଧୀନ ଭୂପଡ଼ ଗ୍ରାମରେ ମଙ୍ଗଳବାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବାଘରାୟ ହାଁସଦା। ଘରଠାରୁ ଅନତି ଦୂରରେ ଥିବା ଏକ ଗଛରେ ସେ ପିନ୍ଧିଥିବା ଲୁଙ୍ଗି ସାହାଯ୍ୟରେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି।

## ସଂକ୍ଷେପରେ

### ଧରାପଡ଼ିଲେ ୨ ଅଭିଯୁକ୍ତ
#### ମହିଳାଙ୍କଠାରୁ ଟଙ୍କା ଛଡ଼ାଇ ନେବା ଘଟଣା

**ବୈଶିଙ୍ଗା,୧୨।୭(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗାଠାରେ ସୋମବାର ଜଣେ ମହିଳାଙ୍କଠାରୁ ୧୧ ହଜାର ଟଙ୍କା ଲୁଟ ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବୈଶିଙ୍ଗା ଥାନା ଅଧୀନ ବଡ଼ଗୋପାଳପୁର ଗ୍ରାମର ହେମନ୍ତ ବେହେରା ଓ ବାଲେଶ୍ୱର ଜିଲା ରେମୁଣା ଥାନା ଅନ୍ତର୍ଗତ ମନ୍ଦାରପୁର ଗ୍ରାମର ମନୋଜ କୁମାର ଗିରି। ସୂଚନା ଅନୁଯାୟୀ, ସୋମବାର ସ୍ଥାନୀୟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ୧୧ହଜାର ଟଙ୍କା ଉଠାଇ ଘରକୁ ଫେରୁଥିବା ଡାହିବାଡି ଗ୍ରାମର ମଙ୍ଗୁଳି ମାଝୀ ନାମକ ଜନୈକା ମହିଳାଙ୍କ ନିକଟରୁ ଓଭରବ୍ରିଜଠାରେ ଦୁଇ ଯୁବକ ବାଇକରେ ଆସି ଟଙ୍କା ବ୍ୟାଗ ଝାମ୍ପି ନେଇ ପଳାଇଯାଇଥିଲେ। ଏ ସଂକ୍ରାନ୍ତରେ ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୯୮/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରଙ୍ଗାମାଟିଆ ଛକଠାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ପରେ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି।

### ଗଡ଼ିଲା ଜନସଂଖ୍ୟା ନିୟନ୍ତ୍ରଣ ସଚେତନତା ରଥ

**କୁଳିଅଣା,୧୨।୭(ସ୍ୱ.ପ୍ର):** ମୟୂରଭଞ୍ଜ ଜିଲା କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜନସଂଖ୍ୟା ନିୟନ୍ତ୍ରଣ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି। ଏହି ରଥ ବ୍ଲକ ଅଞ୍ଚଳର ବିଭିନ୍ନ ସାହି ବସ୍ତି ବୁଲି ପରିବାର ନିୟନ୍ତ୍ରଣ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବ। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏହି ରଥ ଚାଲିବ। ଚିକିତ୍ସା ଅଧିକାରୀ ସଞ୍ଜୟ କୁମାର ସିଂ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ।

### ଘୁଞ୍ଚିଲା ଠାକୁରମୁଣ୍ଡା ଲାମ୍ପସ୍ ସଭାପତି ନିର୍ବାଚନ

**ଠାକୁରମୁଣ୍ଡା,୧୨।୭(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଲାମ୍ପସ୍‌ର ସଭାପତି ପଦବୀ ପାଇଁ ମଙ୍ଗଳବାର ହେବାକୁ ଥିବା ନିର୍ବାଚନ ତାରିଖ ଘୁଞ୍ଚିଛି। ଆସନ୍ତା ୨୪ ତାରିଖରେ ଏହି ନିର୍ବାଚନ ହେବ ବୋଲି ରାଜ୍ୟ ସମବାୟ ନିର୍ବାଚନ ଅଧିକାରୀ ଘୋଷଣା କରିଛନ୍ତି। ରାଜ୍ୟ ସମବାୟ ନିର୍ବାଚନ ଅଧିକାରୀଙ୍କ ଆଦେଶ (ନଂ.୨୩୦୫/୧୧।୭।୨୨) ଅନୁଯାୟୀ ଠାକୁରମୁଣ୍ଡା ଲାମ୍ପସ ନିର୍ବାଚନ ଅଧିକାରୀ ଜ୍ଞାନରଞ୍ଜନ ମହାନ୍ତି ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ଗୋଟିଏ ଦିନ ପୂର୍ବରୁ ହଠାତ ନିର୍ବାଚନ ସ୍ଥଗିତ ହେବା ନେଇ ଘୋଷଣା ଚର୍ଚ୍ଚାର ବିଷୟ ପାଲଟିଛି।

### ଶ୍ରୀଜଗନ୍ନାଥଙ୍କ ଚିତ୍ର ପ୍ରତିଯୋଗିତା

**ସୋର, ୧୨।୭(ଡି.ଏନ.ଏ.):** ସୋର ଉତ୍ତରେଶ୍ୱରସ୍ଥିତ ଚିତ୍ରାନୁଷ୍ଠାନ କଳାଘର ପକ୍ଷରୁ ବାହୁଡ଼ା ଯାତ୍ରା ଅବସରରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚିତ୍ର କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ରାମଚନ୍ଦ୍ର ପୃଷ୍ଟି ଉଦ୍‌ଘାଟନ କରି ଜଗନ୍ନାଥ ସଂସ୍କୃତିରେ ଉତ୍କଳୀୟ ସଂସ୍କୃତି ପ୍ରତିଫଳିତ ହୋଇଛି ବୋଲି କହିଥିଲେ। ଅନୁଷ୍ଠାନ ଅଧକ୍ଷ ରାଜବଲ୍ଲଭ ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତା ହିଁ ଓଡିଶାର ପ୍ରାଚୀନ ସଂସ୍କୃତି ଓ ପରମ୍ପରା ପ୍ରତି ଆନୁଗତ୍ୟତାର ଏକ ମାଧମ ହେବ ବୋଲି କହିଥିଲେ। ଏହି ପ୍ରତିଯୋଗିତାରେ ୩ବର୍ଗର ୪୦ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ଦୀପ୍ତି ଦଣ୍ଡପାଟ, ମନସ୍ମିତା ରାଣୀ ସିଂ, ସସ୍ମିତା ଦାସ ଓ ଶଙ୍କର୍ଷଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ୧୩୫ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷକ

- ସମସ୍ୟା ଘେରରେ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ
- ଭିତ୍ତିଭୂମି ବିକାଶ ସହ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବି



**ଧାମନଗର, ୧୨।୭ (ଡି.ଏନ.ଏ)**

ଭଦ୍ରକ ଜିଲା ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗିରହିଛି। ଏହି ବିଦ୍ୟାଳୟ ଧାମନଗର ବ୍ଲକରେ ଯେଉଁ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଥିଲା ଏବେ ଶିକ୍ଷକ ଅଭାବରୁ ଶ୍ରୀହୀନ ହେବାକୁ ବସିଛି। ବିଦ୍ୟାଳୟରେ ଶିକ୍ଷକ ଅଭାବ, ଶିକ୍ଷାଦାନରେ ଅବହେଳା ଓ ଶ୍ରେଣୀଗୃହରେ ପିଲାମାନଙ୍କ ବସିବା ପାଇଁ ସ୍ଥାନ ଅଭାବ ଯୋଗୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାର ବିଦ୍ୟାଳୟଗୁଡ଼ିକୁ ୫-ଟିରେ ସାମିଲ କରି ବ୍ୟୟବହୁଳ ଖର୍ଚ୍ଚ କରୁଥିବା ବେଳେ ବିଦ୍ୟାଳୟଗୁଡ଼ିକରେ ଥିବା ଅବ୍ୟବସ୍ଥା ଓ ଶିକ୍ଷକ ସମସ୍ୟା ଦୂର କରିବା ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏବେ ହାଇସ୍କୁଲରେ ମାତ୍ର ଜଣେ ହିନ୍ଦୀ ଶିକ୍ଷକ ଅଛନ୍ତି। ଏଣୁ ଜଗନ୍ନାଥ ନୋଡାଲ ସ୍କୁଲ ଶିକ୍ଷକଙ୍କ ଦ୍ୱାରା ପାଠପଢ଼ା ଚାଲିଛି।

୧୯୪୫ରେ ପ୍ରାଥମିକ ଓ ୧୯୮୦ରେ ଉଚ୍ଚ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ମିଶ୍ରଣ ପରେ ଏହି ସ୍କୁଲରେ ପ୍ରଥମରୁ ୧୦ମ ଶ୍ରେଣୀ ଯାଏ ପ୍ରାୟ ୪୦୦ ପିଲା ପଢୁଛନ୍ତି। ହାଇସ୍କୁଲର ନବମ ଓ ଦଶମରେ ୧୩୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମାତ୍ର ଏମାନଙ୍କୁ ଶିକ୍ଷାଦାନ ଲାଗି ମାତ୍ର ଜଣେ ହିନ୍ଦୀ ଶିକ୍ଷକ ଅଛନ୍ତି। ଅନ୍ୟ କୌଣସି ବିଷୟ ପଢ଼ାଇବା ଲାଗି ହାଇସ୍କୁଲରେ ଶିକ୍ଷକ ନ ଥିବାରୁ ନୋଡାଲ ସ୍କୁଲରୁ ଶିକ୍ଷକ ଆସି ପଢ଼ାଉଛନ୍ତି। ପ୍ରାୟ ଦେଢ଼ ବର୍ଷ ହେଲା ଏଭଳି ସମସ୍ୟା ଲାଗି ରହିଛି। ସୋହଡ଼ା ପଞ୍ଚାୟତ ଷେଣ୍ଢପୁର ହାଇସ୍କୁଲର ପ୍ରଧାନଶିକ୍ଷକ ତ୍ରିଲୋଚନ ବେହେରାଙ୍କୁ ଏହି ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ହାଇସ୍କୁଲରେ କେହି କିରାଣି କି ପିଅନ ନାହାନ୍ତି। ୧୯୮୯ ଅଗଷ୍ଟ ୧୯ରେ ସ୍କୁଲ ପରିଦର୍ଶନରେ ଆସିଥିବା ବିଜୁ ପଟ୍ଟନାୟକ ଏହି ବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ସରକାରଙ୍କଠାରୁ ଅନୁଦାନ ପାଇ ନ ଥିବା ସ୍କୁଲ ସେତେବେଳେ ସ୍ୱୟଂସମ୍ପୂର୍ଣ୍ଣ ଥିବା ସତ୍ତ୍ୱେ ପରିବେଶ ଅତ୍ୟନ୍ତ ମନୋରମ ଥିଲା। ସୁନ୍ଦର ବଗିଚା, ଧାଡ଼ିରେ ଛିଡ଼ା ହୋଇଥିବା କ୍ରୋଟେନ ଗଛ, ନଡ଼ିଆ ଗଛ, ଜାମୁ ରୋଳ ଓ ଡାଳିମ୍ବ ଗଛ, ଡାଲିଆ ଫୁଲର ପସରା ବିଜୁବାବୁଙ୍କୁ ଆମୋଦିତ କରିଥିଲା। ବିଦ୍ୟାଳୟର ସ୍ୱଚ୍ଛତାକୁ ଦେଖି ସେ ଖୁସିବ୍ୟକ୍ତ କରିଥିଲେ। ତତ୍କାଳୀନ ପ୍ରଧାନଶିକ୍ଷକଙ୍କୁ ଭିଜିଟର୍ସ ବୁକ୍ ମାଗି ଏ ସ୍କୁଲ ସରକାରଙ୍କ ସହାୟତା ପାଇବା ଆବଶ୍ୟକ ବୋଲି ନିଜେ ଲେଖି ଦେଇଥିଲେ। ୧୯୯୯ ମହାବାତ୍ୟା ପରେ ସେତେବେଳର କେନ୍ଦ୍ରମନ୍ତ୍ରୀ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ଥିତି ଅନୁଧ୍ୟାନ କରିବାକୁ ଆସିଥିଲେ। ସ୍କୁଲ ପଛପଟେ ହୋଇଥିବା ୧୦୦ ମିଟର ଲମ୍ବର ଘାଇ ଦ୍ୱାରା କ୍ଷୟକ୍ଷତି ବୁଲି ଦେଖିଥିଲେ। ସ୍କୁଲର ଗୋଟିଏ ଗୃହ ଭୁଶୁଡ଼ି ପଡ଼ିଥିଲା, ତାହା ଅନୁଧ୍ୟାନ କରିବା ବେଳେ ସେ ସ୍କୁଲ ଭିଜିଟର୍ସ ବୁକ୍‌ରେ ମହାବାତ୍ୟା ଓ ବନ୍ୟା ପରେ ଏହି ସ୍କୁଲ ପାଇଁ ଆର୍ଥିକ ସହାୟତା ଆବଶ୍ୟକ ବୋଲି ଲେଖିଯାଇଥିଲେ। ହେଲେ ୨୨ ବର୍ଷ ବିତିଗଲାଣି ସ୍କୁଲର ଭାଗ୍ୟ ବଦଳି ନାହିଁ। ରାଜ୍ୟରେ ୫-ଟି ଯୋଜନାରେ ସ୍କୁଲଗୁଡ଼ିକର ବିକାଶ କରାଯାଉଛି। ମାତ୍ର ଏଥିରୁ ବଞ୍ଚିତ ହୋଇଛି ଏହି ବିଦ୍ୟାଳୟ। ବିଦ୍ୟାଳୟର ଭିତ୍ତିଭୂମି ବିକାଶ ସହ ଆବଶ୍ୟକ ଶିକ୍ଷକ ଯୋଗାଇ ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଜେନା କହିଛନ୍ତି, ଏହି ବ୍ଲକରେ ଏଭଳି ସମସ୍ୟା ବିଭିନ୍ନ ବିଦ୍ୟାଳୟରେ ଅଛି। ବିଭାଗୀୟ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରାଯାଇଛି। ଚଳିତ ମାସରେ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଛି।

# ୫ ଶ୍ରେଣୀକୁ ଜଣେ ଶିକ୍ଷକ




**ଅବ୍ୟବସ୍ଥାରେ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ**

**ଏମିତି ଚାଲିଛି ଶିକ୍ଷା ବ୍ୟବସ୍ଥା**

**ଜଳେଶ୍ୱର, ୧୨।୭(ଡି.ଏନ.ଏ.)**

ଆଦିବାସୀ ଅଧ୍ୟୁଷିତ ବାଲେଶ୍ୱର ଜିଲା ରାଇବଣିଆ ଥାନା ଅଞ୍ଚଳର ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକରେ ୫ଟି ଶ୍ରେଣୀ ଚାଲଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେଶ ହାଁସଦା ସମସ୍ତ ଶ୍ରେଣୀରେ ଶିକ୍ଷାଦାନ କରିବା ଅସମ୍ଭବ ହୋଇପଡିଛି। ଜୁଲାଇ ୫ତାରିଖରେ ସଞ୍ଜୟ ନନ୍ଦି ନାମକ ଜଣେ ଶିକ୍ଷକ ଯୋଗଦାନ କରିଥିଲେ। ସେଦିନ ତାଙ୍କୁ ସିଆର୍‌ସିସି ଭାବେ ନିଯୁକ୍ତି ମିଳିବାରୁ ସେ ଏଠାକୁ ଆସୁନାହାନ୍ତି। ଏଠାରେ ପଢୁଥିବା ୮୫ଜଣ ଛାତ୍ରଛାତ୍ରୀଙ୍କ ଲାଗି ଅନ୍ୟୁନ ୩ଜଣ ଶିକ୍ଷକ ଆବଶ୍ୟକ ଥିବା ବେଳେ ଶିକ୍ଷକ ଓ ସର୍ବନିମ୍ନ ସୁବିଧା ଯୋଗାଇଦେବାକୁ ସରପଞ୍ଚ ସୁସ୍ମିତା ବାରିକ, ମଙ୍ଗଳ ସରେନ୍(ୱାର୍ଡମେମ୍ବର), ସୁଶୀଳ ବାରିକ, ପୂର୍ଣ୍ଣଚନ୍ଦ୍ର ସେଠୀ, ଆଲୋଚନା ବେହେରା ପ୍ରମୁଖ ନେତୃସ୍ଥାନୀୟ ବ୍ୟକ୍ତି ଦାବି କରିଛନ୍ତି।

ବିଦ୍ୟାଳୟରେ ଶୌଚାଳୟ ନ ଥିବାରୁ ପିଲାମାନେ ବାହାରକୁ ଶୌଚ ହେବାକୁ ଯାଉଛନ୍ତି। ବଣଜଙ୍ଗଲଘେରା ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ କାଳାତିପାତ କରୁଥିବା ବେଳେ ବିଦ୍ୟାଳୟ ଚାରିପାଖେ ପାଚେରି କିମ୍ବା ବାଡ ନାହିଁ। ବିପଦଜନକ ଅବସ୍ଥାରେ ଥିବା ପୁରୁଣା ଘରଗୁଡିକ ମଧ୍ୟରୁ ଗୋଟିକରେ ମଧ୍ୟାହ୍ନଭୋଜନ ରନ୍ଧା କାର୍ଯ୍ୟ ଚାଲୁଥିବା ବେଳେ ଘର ମଧ୍ୟରେ ପୋକ ସାଲୁବାଲୁ ହେଉଛନ୍ତି। ୨ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ନୂତନ ୨ଟି ଶ୍ରେଣୀଗୃହରେ ଫାଟ ସୃଷ୍ଟି ହୋଇଛି। ତେଣୁ ବିଦ୍ୟାଳୟର ନବକଳେବର ବୃଦ୍ଧି ସହିତ ଶିକ୍ଷକ ଯୋଗାଇ ଦେବାକୁ ଗ୍ରାମବାସୀ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ନିକଟରେ ଦାବି ଜଣାଇଛନ୍ତି।

# ଧାରଣାରେ ବସିଲେ ପରିବାର ଲୋକେ



ଛାତ୍ରଙ୍କ ସହ ପରିବାର ଲୋକେ ସ୍କୁଲ ପରିସରରେ ଧାରଣା ଦେଇଛନ୍ତି।

**ଛାତ୍ରଙ୍କ ଅଙ୍ଗୁଳି କଟିବା ଘଟଣା**

**ଭଣ୍ଡାରିପୋଖରୀ,୧୨।୭(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଜଳହରିସ୍ଥିତ ସାରସ୍ୱତ ଉଚ୍ଚ ବିଦ୍ୟାପୀଠର ଅଷ୍ଟମ ଶ୍ରେଣୀ ଛାତ୍ର ଅଭିଲାଷ ମଲ୍ଲିକଙ୍କ ଅଙ୍ଗୁଳି କଟିବା ଘଟଣାରେ ତାଙ୍କ ପରିବାର ଲୋକେ ମଙ୍ଗଳବାର ପୂର୍ବାହ୍ନରୁ ସ୍କୁଲ ପରିସରରେ ଧାରଣା ଦେଇ ବସି ରହିଛନ୍ତି। ଅଭିଯୋଗ ପରେ ଶିକ୍ଷା ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ହେଲେ ଘଟଣାକୁ ୧୫ଦିନ ବିତିଯାଇଥିଲେ ସୁଦ୍ଧା ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ କରି ଅଭିଲାଷଙ୍କ ପରିବାର ଲୋକେ ଏଭଳି ପଦକ୍ଷେପ ନେଇଛନ୍ତି। ବିଇଓ ଅଧର ତରାଇ ମଙ୍ଗଳବାର ତଦନ୍ତ ପାଇଁ ଉକ୍ତ ବିଦ୍ୟାଳୟକୁ ଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇ ସେମାନଙ୍କୁ ଧାରଣାରୁ ଉଠିବାକୁ କହିଥିଲେ ମଧ କିଛି ସୁଫଳ ମିଳିପାରିନି। ଛାତ୍ରଙ୍କ ପରିବାର ଲୋକେ ଧାରଣା ଜାରି ରଖିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର କହିଛନ୍ତି, ଏପର୍ଯ୍ୟନ୍ତ କୌଣସି ରିପୋର୍ଟ ଆସିନାହିଁ। ବିଇଓ ପୁଣି ତଦନ୍ତ ପାଇଁ ଉକ୍ତ ବିଦ୍ୟାଳୟକୁ ଯାଇଛନ୍ତି। ଅପରପକ୍ଷେ ଏନେଇ ବିଇଓଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

ସୂଚନାଯୋଗ୍ୟ, ଗତମାସ ୨୭ ତାରିଖ ଅପରାହ୍ନ ପ୍ରାୟ ୩ଟା ବେଳେ ଅଭିଲାଷ ଶ୍ରେଣୀଗୃହ କବାଟ ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ଅନ୍ୟ ଜଣେ ଛାତ୍ର ଆସି ଅଜାଣତରେ କବାଟ ଟାଣି ଦେବାରୁ ଅଭିଲାଷଙ୍କର ଡାହାଣ ହାତ ଚାପିହୋଇ ୩ଟି ଆଙ୍ଗୁଠି କଟିଯାଇଥିଲା। ଏପରିକି ଗୋଟିଏ ଆଙ୍ଗୁଠିର ଅଗ୍ରଭାଗ ସମ୍ପୂର୍ଣ୍ଣ ଛିଡ଼ି ତଳେ ପଡ଼ିଯାଇଥିଲା। ଅଭିଲାଷଙ୍କ ମା' ଅନ୍ନପୂର୍ଣ୍ଣା ବ୍ଲକ ଓ ଜିଲା ଶିକ୍ଷା ବିଭାଗକୁ ଏନେଇ ଲିଖିତ ଭାବେ ଜଣାଇଥିଲେ। ଗତ ଗୁରୁବାର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା।

**ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକ**

# ସାଙ୍ଗଠନିକ ପ୍ରକ୍ରିୟା ଗତିଶୀଳ କରିବାକୁ ଆହ୍ୱାନ

**ବାଲେଶ୍ୱର ଅଫିସ, ୧୨।୭**

ବାଲେଶ୍ୱର ସହର ଆଇଟିଆଇସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ସାଙ୍ଗଠନିକ ପ୍ରକ୍ରିୟାକୁ ଅଧିକ ଗତିଶୀଳ କରିବା ପାଇଁ ଯୋଜନା ପ୍ରସ୍ତୁତ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ଲୋକେ ପରିବର୍ତ୍ତନ ଚାହୁଁଛନ୍ତି। ଆମକୁ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବାକୁ ପଡ଼ିବ ବୋଲି କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସଂଗଠନ-ସଂଘର୍ଷ-ବିଜୟର ମନ୍ତ୍ର ପ୍ରଦାନ କରିଥିଲେ। ଜଣେ ଆଦିବାସୀ ବର୍ଗର ଓଡ଼ିଆ ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରିଥିବାରୁ ଓଡ଼ିଶା ପ୍ରତି ମୋଦିଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରିଥିଲେ। ବୈଠକରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ପୂର୍ବତନମନ୍ତ୍ରୀ ରଘୁନାଥ ମହାନ୍ତି, ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୋଭନା ମହାନ୍ତି, ରାକେଶ ମଲ୍ଲିକ, ମାନସ ଦତ୍ତ, ଅଂଶୁମାନ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ତଦନ୍ତ କଲେ ତହସିଲଦାର, ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ

**ଖଇରା, ୧୨।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋଳିହା ପଞ୍ଚାୟତ ଅଧୀନ ମୁହଁଗୁଆଁ ଗ୍ରାମର ହରିଜନ ସାହି ରାସ୍ତା ନିର୍ମାଣକୁ କେତେଜଣ ଗ୍ରାମବାସୀ ବିରୋଧ କରି ଉଚ୍ଚନ୍ୟାୟାଳୟ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଖଇରା ତହସିଲଦାର ମହେନ୍ଦ୍ର କୁମାର ବେହେରା ଓ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ରସାଳ ଯୁଜୋ ଶତାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ ତୃତୀୟ ଥର ପାଇଁ ତଦନ୍ତ କରି ଫେରିଛନ୍ତି। ତେବେ ଅଭିଯୋଗକାରୀମାନେ ଅନୁପସ୍ଥିତ ରହିବା ନେଇ ଅଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ ।

ଗ୍ରାମର ହରିଜନ ସାହିକୁ ଯାତାୟାତ ରାସ୍ତା ନ ଥିବାରୁ ସେମାନେ ଦୀର୍ଘଦିନ ଧରି ଜମିହିଡ ଦେଇ ସାହିକୁ ଯାଉଥିଲେ। ବ୍ଲକ ପ୍ରଶାସନ ଓ ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ଘଡେଇଙ୍କ ପ୍ରଚେଷ୍ଟାରେ ଗ୍ରାମକୁ ଏକ ମାଟି ରାସ୍ତା ନିର୍ମାଣ କରାଯାଇଥିଲା। ହେଲେ ଗ୍ରାମର ଜଣେ ବ୍ୟକ୍ତି ଏହି ରାସ୍ତା ଯୋଗୁ ଚାଷଜମିକୁ ପାଣି ମାଡୁ ନ ଥିବା ଦର୍ଶାଇ ଉଚ୍ଚ ଅଦାଲତ ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚ ଅଦାଲତ ୨୦୨୧ ସେପ୍ଟେମ୍ବର ୨୪ତାରିଖରେ ଉକ୍ତ ମାମଲା (ଡବ୍ଲ୍ୟୁପିସି) (ନଂ.୧୮୨୯୯/ ୨୦୨୦)ର ଶୁଣାଣି କରି ଜିଲାପାଳଙ୍କୁ ଉକ୍ତ ବିବାଦର ସମାଧାନ ପାଇଁ ଦାୟିତ୍ୱ ଦେଇଥିଲେ। ଜିଲାପାଳ ଖଇରା ତହସିଲଦାର ଓ ଜଳସେଚନ ବିଭାଗକୁ ମିଳିତ ତଦନ୍ତ ଦାୟିତ୍ୱ ଦେବା ପରେ ଗତ ଜୁଲାଇ ୨ତାରିଖ ଏହାର ମିଳିତ ତଦନ୍ତ କରାଯାଇ ଜିଲାପାଳଙ୍କୁ ରିପୋର୍ଟ (ଚିଠି ନଂ ୨୭୫୯)ପ୍ରଦାନ କରାଯାଇଛି। ତେବେ ତଦନ୍ତ ବେଳେ ଅଭିଯୋଗକାରୀମାନଙ୍କୁ ଡକାଯାଇ ନ ଥିବା ପୁନଶ୍ଚ ଅଭିଯୋଗକାରୀମାନେ ଜିଲାପାଳଙ୍କୁ ୪ତାରିଖ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଏଥିଯୋଗୁ ଉଭୟ ଅଧିକାରୀ ସୋମବାର ଗ୍ରାମବାସୀଙ୍କ ଉପସ୍ଥିତିରେ ପୁନଃ ବିବାଦୀୟ ରାସ୍ତା ପରିଦର୍ଶନ କରି ଫେରିଛନ୍ତି। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରେ ନକ୍ସାରେ ରାସ୍ତା ହୋଇଥିବା ଜମି ଚକରାସ୍ତା ବୋଲି ରହିଛି । ଏଣୁ ରାସ୍ତା ନିର୍ମାଣ କରାଯିବାରେ କିଛି ଅସୁବିଧା ନାହିଁ ବୋଲି କହିଛନ୍ତି । ଉଭୟ ପାର୍ଶ୍ୱରୁ ଜଳ ନିଷ୍କାସନ ପାଇଁ ଆବଶ୍ୟକ ସୋଠର ବ୍ୟବସ୍ଥା ମଧ କରାଯାଇଥିବା କହିଛନ୍ତି। ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରେ ରାସ୍ତା ପାଖ ଜମିକୁ କେନାଲ କିମ୍ବା ଶାଖା କେନାଲ ସଂଯୋଗ ନ ଥିବା କିମ୍ବା ରାସ୍ତା ଦେଇ ଅତିକ୍ରମ କରୁ ନ ଥିବାରୁ କେନାଲ ଜଳ ପ୍ରବାହିତ ହେବାରେ ବାଧା ସୃଷ୍ଟି ହେବାର କୌଣସି ସମ୍ଭାବନା ନାହିଁ ।



ତହସିଲଦାର ଓ ଅଧୀକ୍ଷଣ ଯନ୍ତ୍ରୀ ରାସ୍ତା ପରିଦର୍ଶନ ବେଳେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ମୁହଁଗୁଆଁ ଗ୍ରାମର ରାସ୍ତା ବିବାଦ**

# ନିଖୋଜ ଛାତ୍ରୀ ଥାନାରେ ପହଞ୍ଚିଲେ

**କୁଆମରା,୧୨।୭(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କୁଆମରା ଫାଣ୍ଡି ଅଞ୍ଚଳରୁ ୨ମାସ ତଳେ ନିଖୋଜ ହୋଇଥିବା ଜଣେ କଲେଜ ଛାତ୍ରୀ ମଙ୍ଗଳାବର ଥାନାରେ ପହଞ୍ଚିଛନ୍ତି। ୧୭ ବର୍ଷୀୟା ଉକ୍ତ ଛାତ୍ରୀ ଜଣକ ଗତ ମେ ୨୩ ତାରିଖରେ କଲେଜ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜା ଖୋଜି କରି ନ ପାଇବାରୁ ଝିଅକୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସଏକ ମାମଲା(ନଂ. ୧୪୭/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ତାଙ୍କୁ କେହି ଅପହରଣ କରି ନ ଥିବା ଓ ସେ ରୂପ୍‌ସାଠାରେ ଜଣେ ସାଙ୍ଗ ଘରେ ରହିଥିଲେ ବୋଲି ଛାତ୍ରୀ ଜଣକ ପୋଲିସକୁ କହିଛନ୍ତି। ସମ୍ପୃକ୍ତ ଛାତ୍ରୀଙ୍କ ଡାକ୍ତରୀ ମାଇନା ପରେ ପୋଲିସ ତଦନ୍ତ ଜାରି ରଖିଛି।

# ରବର ଗାଡାର ଉତ୍ପାଦନ ୟୁନିଟ ଉଦ୍‌ଘାଟିତ

**ଖୁଣ୍ଟା,୧୨।୭(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ କେନ୍ଦୁଗାଡ଼ି ଗ୍ରାମରେ ମଙ୍ଗଳବାର ଏକ ରବର ଗାଡ଼ାର ଉତ୍ପାଦନ ୟୁନିଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଭାରତ ସରକାରଙ୍କ ରବର ବୋର୍ଡର ଡ. କେ.ଏନ.ରାଘବନ, ସମ୍ମାନୀତ ଅତିଥି କପ୍ତିପଦା ଉପଖଣ୍ଡ ପିଏ ଆଇଟିଡିଏ ଦେବଦତ୍ତ ପଣ୍ଡା, ଓରମାସର ଅତିରିକ୍ତ ସିଇଓ ବିମଳ ମଲ, ଲକ୍ଷ୍ମଣସାହି ପଞ୍ଚାୟତର ସମିତି ସଭ୍ୟ ସୁନୀଲ କୁମାର ଟୁଡୁ, ରବର ଉତ୍ପାଦନକାରୀ ସଂସ୍ଥାର ସଭାପତି ପ୍ରମୁଖ ଯୋଗ ଦେଇଥିଲେ।

କେନ୍ଦୁଗାଡ଼ି ଗ୍ରାମରେ ଆଇଟିଡିଏ ଏବଂ ଭାରତ ସରକାରଙ୍କ ରବର ବୋର୍ଡର ମିଳିତ ସହାୟତାରେ ଗତ ୧୯୯୯ରୁ ରବର ବୃକ୍ଷରୋପଣ କରାଯାଇଥିଲା। ଏହାର ୭ ବର୍ଷ ପରେ କେନ୍ଦୁଗାଡ଼ି ରବର ଉତ୍ପାଦନ ସଂସ୍ଥାରୁ ରବର ସିଟ୍ ପ୍ରସ୍ତୁତ ହୋଇ ଆସୁଥିଲା। ଯାହାକୁ ହିତାଧିକାରୀମାନେ ଓରମାସ ସଂସ୍ଥା ସାହାଯ୍ୟରେ ବିକ୍ରି କରି ଲାଭାନ୍ୱିତ ହୋଇ ଆସୁଥିଲେ। ତେବେ ବର୍ତ୍ତମାନର ବଜାର ଚାହିଦାକୁ ଦୃଷ୍ଟିରେ ରଖି ଉକ୍ତ ରବର ଉତ୍ପାଦକ ସୋସାଇଟି ମାଧ୍ୟମରେ ନାଇଲନ ରବର ବ୍ୟାଣ୍ଡ ଉତ୍ପାଦନ କରାଯାଇ ବଜାରରେ ବିକ୍ରୀ କରିପାରିବେ। ଉକ୍ତ ଅଞ୍ଚଳରେ ୭୦୦ ଏକରରୁ ଉର୍ଦ୍ଧ୍ୱ ଜମିରେ ରବର ଚାଷ ହୋଇଥିବା ବେଳେ ଏହା ମାଧ୍ୟମରେ ୪୦୦ରୁ ଅଧିକ ହିତାଧିକାରୀ ଉପକୃତ ହୋଇପାରୁଥିବା ଆଇଟିଡିଏ ପକ୍ଷରୁ ସୂଚନା ମିଳିଛି।

# 'ଛମାସରେ ଦୁର୍ଘଟଣାରେ ୯୫ଜଣଙ୍କ ମୃତ୍ୟୁ ଘଟିଛି'

**ସଡ଼କ ସୁରକ୍ଷା ସଚେତନତା ବୈଠକରେ ସୂଚନା ଦେଲେ ଏସ୍‌ପି**

**ଭଦ୍ରକ ଅଫିସ, ୧୨।୭**

ଦ୍ରୁତଗତି ଓ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା ଯୋଗୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି ବୋଲି ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ଜିଲାସ୍ତରୀୟ ସଡ଼କ ସୁରକ୍ଷା ସଚେତନତା ବୈଠକରେ କୁହାଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଏସ୍‌ପି ଚରଣ ସିଂ ମୀନା, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ଭଦ୍ରକ ପୌରପାଳିକା ଅଧକ୍ଷା ଗୁଲମକ୍କୀ ହବିବ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ବିଧାୟକଙ୍କ ପ୍ରତିନିଧି ଶରତ ମହାନ୍ତି ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା, ଦୁର୍ଘଟଣାର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ସନ୍ତତ କୁମାର ଜେନା, ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଜୟପ୍ରକାଶ ବର୍ମା, ଧାମନଗର ପୌରପାଳିକା ଅଧ୍ୟକ୍ଷା ନିବେଦିତା ଜେନା, ରୋଟାରି କ୍ଲବ ପ୍ରତିନିଧି ଅତିସ ବେହେରା, ବସ୍ ସିଣ୍ଡିକେଟର ଶ୍ୟାମସୁନ୍ଦର ନାୟକ, ଧାମରା ଟ୍ରକ୍ ଆସୋସିଏଶନର ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

ଆଞ୍ଚଳିକ ପରିବହନ ଅଧିକାରୀଙ୍କ ତଥ୍ୟ ଅନୁଯାୟୀ, ୨୦୨୧ ଜାନୁୟାରୀଠାରୁ ୨୦୨୨ ଜୁନ୍ ପର୍ଯ୍ୟନ୍ତ ଜିଲାରେ ୧୬୯୦ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ଦ୍ରୁତ ଗାଡ଼ି ଚାଳନା ପାଇଁ ୪୩୪୭ ଜଣ, ଓ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା ନେଇ ୪୧ ଜଣଙ୍କଠାରୁ ଫାଇନ ଆଦାୟ କରାଯାଇଛି। ଗତ ୬ମାସ ମଧ୍ୟରେ ଦୁର୍ଘଟଣାରେ ୯୫ଜଣଙ୍କ ମୃତ୍ୟୁ ଘଟିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅପର୍ତ୍ତିବିନ୍ଧା ଓ ବନ୍ତ ଛକଠାରେ ଉଠା ଦୋକାନୀ ଓ ଟ୍ରଲି ବାଲାଙ୍କ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସେହିପରି ଭଦ୍ରକ-ଆରଡ଼ି ରାସ୍ତାର ସେଣ୍ଟ୍ରାଲ ସ୍କୁଲ ଓ ଅନ୍ନପାଳ ଛକ ଦୁର୍ଘଟଣାପ୍ରବଣ ଅଞ୍ଚଳ ହୋଇଥିବାରୁ ଏହାର ପ୍ରତିକାର ନିମନ୍ତେ ପଦକ୍ଷେପ ନେବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଉପଜିଲାପାଳ ମନୋଜ କୁମାର ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଦାଦନ ଖଟୁଛନ୍ତି ବାଉଁଶ କାରିଗର

**ସ୍ମାରକ ମାଜୀ**
**ମୋରଡ଼ା,୧୨।୭**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ବିଭିନ୍ନ ଗାଁରେ ବସବାସ କରୁଥିବା ବାଉଁଶ କାରିଗର ଏବେ ସଙ୍କଟ ମଧ୍ୟରେ କାଳାତିପାତ କରୁଛନ୍ତି। ସରକାରୀ ପ୍ରୋତ୍ସାହନ ଓ କଞ୍ଚାମାଲ ଅଭାବରୁ ପୂର୍ବଭଳି ଆଉ ବିକ୍ରିବଟା ହେଉନାହିଁ। ବାଉଁଶରେ ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରି ଗୁଜରାଣ ମେଣ୍ଟାଉ ଥିବା ଏହି କାରିଗରମାନେ ଏବେ ପେଟପାଟଣା ପାଇଁ ବାହାର ଜିଲା ଓ ରାଜ୍ୟକୁ ଦାଦନ ଖଟିବା ଲାଗି ଯିବାକୁ ବାଧ ହେଉଛନ୍ତି।

ମୋରଡ଼ା ବ୍ଲକର ଗଡ଼ଗାଁ, ଚିତ୍ରଡ଼ା, ହଳଦୀପାଳ, ଦୁର୍ଗାପୁର, ନୂଆଝାଳିଆ ଆଦି ପଞ୍ଚାୟତରେ ଦଳିତ ଶ୍ରେଣୀର ଏହି କାରିଗରମାନେ ବର୍ଷ ବର୍ଷ ଧରି କୌଳିକ ବୃତ୍ତିକୁ ବଞ୍ଚାଇ ଆସିଛନ୍ତି। ନିତ୍ୟବ୍ୟବହାର୍ଯ୍ୟ ବାଉଁଶ ନିର୍ମିତ ସାମଗ୍ରୀ ତିଆରି ପରେ ଗ୍ରାମାଞ୍ଚଳରେ ବିକ୍ରି କରି ଦିପଇସା ରୋଜଗାର କରିଆସୁଛନ୍ତି। ଏମାନେ ବାଉଁଶରେ କୁଲା, ଝୁଡ଼ି, ପାଛିଆ, ଚାଙ୍ଗୁଡ଼ି, ଡାଲା, ମାଣପେଡ଼ି ଆଦି ତିଆରି କରିଥାନ୍ତି। ତେବେ ସମୟର ପରିବର୍ତ୍ତନ ସହିତ ଲୋକଙ୍କ ଚାଲିଚଳଣି ଓ ମାନସିକତାରେ ପରିବର୍ତ୍ତନ ଯୋଗୁ ଏହି ପାରମ୍ପରିକ ସାମଗ୍ରୀ ତିଆରି କରୁଥିବା କାରିଗରି କୌଶଳ ଅସ୍ତିତ୍ୱ ହରାଇବାକୁ ବସିଲାଣି। ଏହି ସାମଗ୍ରୀ ଅପେକ୍ଷା ବଜାରରେ ମିଳୁଥିବା ପ୍ଲାଷ୍ଟିକ ଓ ଫାଇବର ଜିନିଷ ପ୍ରତି ଲୋକେ ବେଶି ଆଗ୍ରହ ପ୍ରକାଶ କରୁଛନ୍ତି। ପୂର୍ବପରି ଏହି ସାମଗ୍ରୀର ଚାହିଦା ଆଉ ନାହିଁ ବୋଲି କହିଛନ୍ତି କାରିଗର ଡାକ୍ତର ମାହାଲୀ, ଶିବ ମାହାଲୀ, ମଧୁସୂଦନ ମାହାଲୀ ଓ ସୁରେନ୍ଦ୍ର ମାହାଲୀ।



ଦୁଇ କାରିଗର ବାଉଁଶରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ତିଆରି କରୁଛନ୍ତି।

**ପ୍ରୋତ୍ସାହନ, କଞ୍ଚାମାଲ ଅଭାବ**

ଅନ୍ୟପକ୍ଷରେ ବାଉଁଶ ସାମଗ୍ରୀ ତିଆରି ନିମନ୍ତେ ମୁଖ୍ୟ କଞ୍ଚାମାଲ ରୂପେ ବ୍ୟବହାର ହେଉଥିବା ବାଉଁଶର ଅଭାବ ସାଙ୍ଗକୁ ଦରବୃଦ୍ଧି ସେମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ଗ୍ରାମାଞ୍ଚଳରୁ ବାଉଁଶ କିଣି ବେପାରୀମାନେ ଜିଲା ଓ ରାଜ୍ୟ ବାହାରକୁ ପଠାଉଥିବାରୁ ବାଉଁଶର ଅଭାବ ସାଙ୍ଗକୁ ଦର ବୃଦ୍ଧି ଘଟୁଛି ବୋଲି କାରିଗରମାନେ କହିଛନ୍ତି। ବଜାରରେ ଏହିସବୁ ସାମଗ୍ରୀର ଚାହିଦା କମୁଥିବା ବେଳେ ସରକାରୀ ପ୍ରୋତ୍ସାହନ ସହିତ ତାଲିମ ନ ମିଳିବାରୁ ଏହି କାରିଗରମାନଙ୍କ ଜୀବନ ଜୀବିକାରେ ଅନ୍ତରାୟ ସୃଷ୍ଟି ହେବାକୁ ବସିଛି। ତେଣୁ ସରକାର ତଥା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ସନ୍ତୋଷ କୁମାର ବେହେରା ଓ ବରିଷ୍ଠ ନାଗରିକ ରବୀନ୍ଦ୍ର ମହାନ୍ତ ମତ ପ୍ରକାଶ କରିଛନ୍ତି।

